Bhubaneswar, Thursday, August 20, 2026
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୦, ୨୦୨୬
Vol-01, Issue-113
ବର୍ଷ-୦୧, ସଂଖ୍ୟା -୧୧୩

# ପ୍ରତିଶବ୍ଦ
## THE PRATISHABDA

www.pratishabda.com
Email : pratishabda7@gmail.com
Also Available In : YouTube

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭


# ଏସ୍‌ସିବି ଓ ରାଉରକେଲା ହନୁମାନ ବାଟିକା ପ୍ରକଳ୍ପ ହେବ ପୁନଃବିକାଶ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯/୮ : କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲେକାସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନାକାଲ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣଧୀନ ବହୁତଳ କାର ପାର୍କିଂ (MLCP) ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମେଡିକାଲ ପରିସରକୁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଡାକ୍ତରମାନଙ୍କ ପାଇଁ ଯାତାୟତର ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ଏହି ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନାକାଲ ବ୍ଲକଗୁଡିକର ନୂତନ ଭିତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତୀ ଅଂଚଳକୁ ସୁସଜ୍ଜିତ କରିବା, ଚଉଡା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣଧୀନ ବହୁତଳ କାର ପାର୍କିଂ (MLCP) ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଏବଂ ଓଡିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ (Maritime Museum) ଅଂଚଳଗୁଡିକର ସମନ୍ୱିତ ପାର୍ଶ୍ୱବର୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଉରକେଲାରେ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତୀ ଅଂଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲେଚନା କରାଯାଇଛି। ଓଡିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ OBCC ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡିକୁ ସମ୍ପୂର୍ଣ୍ଣ ଆଧାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



# ଏମଏମଡିଆର ବିଲ୍ ନେଇ ବର୍ଷିଲେ ନବୀନ

ଭୁବନେଶ୍ୱର,୧୯/୮ : ଖଣି ଏବଂ ଖଣିଜ (ବିକାଶ ଓ ନିୟାମକ) ବା ଏମଏମଡିଆର ସଂଶୋଧନ ବିଲ୍ କୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ତୀବ୍ର ବର୍ଷିଛନ୍ତି ଓଡ଼ିଶାର ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ସଂଶୋଧିତ ଆଇନ ଓଡ଼ିଶାର ଖଣି ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ରାଜସ୍ୱକୁ କ୍ଷତିଗ୍ରସ୍ତ କରିବ ବୋଲି ସେ ଅଭିଯୋଗ କରିଛନ୍ତି।ବୁଧବାର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଭିଡିଓ ବାର୍ତାରେ ନବୀନ କହିଛନ୍ତି, “ଏ ମାଟି ଆମର, ଏ ଖଣି ସମ୍ପଦ ମଧ୍ୟ ଆମର।” ଓଡ଼ିଶାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରକୁ ରାଜ୍ୟବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଥିଲା। ୨୦୨୪ରେ ସରକାର ପରିବର୍ତନ ସମୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡ଼ିଥିବା ଦାବି କରି ସେ କହିଛନ୍ତି ଯେ ଦୃଢ଼ ଆର୍ଥିକ ପରିଚାଳନା ସହ ଖଣି ରାଜସ୍ୱ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। କିନ୍ତୁ ମାତ୍ର ଦୁଇ ବର୍ଷ ଭିତରେ ସବୁକିଛି ବଦଳିଗଲା। ଓଡ଼ିଶାକୁ ଏବେ ପୁଣି କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡ଼ିବ।

ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ପଠାଇଲେ, କିନ୍ତୁ ଏ ମାଟିର ସ୍ୱାର୍ଥ ପାଇଁ ସେମାନଙ୍କ ମଧ୍ୟରୁ କେହି ହେଲେ ପାଟି ଖୋଲିଲେ ନାହିଁ। ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହେଲେ।

ଏମଏମଡିଆର ସଂଶୋଧନ ବିଲ୍ କୁ ସଂସଦରେ ଆଲୋଚନା ବିନା ପାସ୍ କରାଯାଇଥିବା ନବୀନ ଅଭିଯୋଗ କରିଛନ୍ତି। ରାଜ୍ୟସଭାରେ କେବଳ ବିଜେଡି ସାଂସଦମାନେ ବିଲ୍ କୁ ଦୃଢ଼ ବିରୋଧ କରିଥିବା ସେ ଦାବି କରିଛନ୍ତି। ବିଲ୍ କୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଏବଂ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ଅନୁରୋଧ କରିଥିବା କହିଛନ୍ତି।

ନବୀନ କହିଛନ୍ତି ଓଡ଼ିଶାରେ ଥିବା କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, କୋଇଲା ଓ ମାଙ୍ଗାନିଜ୍ ଭଳି ଖଣିଜ ସମ୍ପଦରୁ ରାଜ୍ୟ ରାଜସ୍ୱ ପାଇଥାଏ। ନୂଆ ଆଇନ ଯୋଗୁଁ ରାଜ୍ୟର ଆୟ ହ୍ରାସ ପାଇଲେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାର ପ୍ରଭାବରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଏବଂ ଜନକଲ୍ୟାଣ ଯୋଜନା ପ୍ରଭାବିତ ହୋଇପାରେ ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା ଆବଶ୍ୟକ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ଅଧିକାର ଓ ଖଣି ସମ୍ପଦର ସୁରକ୍ଷା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ସେ କହିବା ସହ ରାଜ୍ୟବାସୀଙ୍କୁ ଏହି ଲଢ଼େଇରେ ଏକଜୁଟ ହେବାକୁ ନିବେଦନ କରିଛନ୍ତି।

# ଅନଲାଇନ୍ ଗାଡ଼ି ଚାଳକ-ପୋଲିସ ଧସ୍ତାଧସ୍ତି

ଭୁବନେଶ୍ୱର,୧୯/୮ :ରାଜଧାନୀରେ ଅନଲାଇନ୍ ଚାଳକ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ତୃତୀୟ ଦିନରେ ଜୋରଦାର ହୋଇଛି। ଲୋୟର ପିଏମ୍‌ଜି ଓ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଓଲା, ଉବର ଓ ରାପିଡୋ ଚାଳକମାନେ ଏକାଠି ହୋଇ ଜୋରଦାର ପ୍ରତିବାଦ କରିଛନ୍ତି। ପ୍ରାପ୍ୟ ବୃଦ୍ଧି ସହ ସାମାଜିକ ସୁରକ୍ଷା ଦାବିରେ ଚାଳକମାନେ ଏହି ଆନ୍ଦୋଳନ ଜାରି ରଖିଛନ୍ତି।

ଭୁବନେଶ୍ୱରରେ ଅନଲାଇନ୍ ଗାଡ଼ି ଚାଳକ-ପୋଲିସ ଧସ୍ତାଧସ୍ତି ହୋଇଛି । ଲୋୟର ପିଏମ୍‌ଜି ଓ ମାଷ୍ଟର କ୍ୟାଣ୍ଟିନ୍ ଛକରେ ମୁହାଁମୁହିଁ ହୋଇଛନ୍ତି । ଖଣ୍ଡଯୁଦ୍ଧ ପରିସ୍ଥିତି, ପୋଲିସ ଉପରକୁ ଟେକା ପଥର ମାଡ଼ ହୋଇଛି । ଏକ ‘ଆମ ବସ୍’କୁ ପଥର ମାଡ଼ କରି ଭାଙ୍ଗି ଚୁରମାର କରିଦେଇଛନ୍ତି ।

ଆନ୍ଦୋଳନ ଯୋଗୁ ରେଲୱେ ଷ୍ଟେସନରୁ ଏୟାରପୋର୍ଟ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଛି । ଷ୍ଟେସନ୍ ଓ ଏୟାରପୋର୍ଟରୁ ଫେରୁଥିବା ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି ।

ଚାଳକମାନଙ୍କ ଅଭିଯୋଗ ଅନୁସାରେ, ଅନଲାଇନ୍ କ୍ୟାବ୍ ଓ ବାଇକ୍ ସେବାରେ ଦୀର୍ଘ ସମୟ କାମ କରିବା ସତ୍ତ୍ୱେ ଆୟ ଅନୁପାତରେ ଖର୍ଚ୍ଚ ବଢ଼ିଚାଲିଛି। ତେଣୁ ପ୍ରାପ୍ୟ ବୃଦ୍ଧି, ଉଚିତ ପାରିଶ୍ରମିକ ଏବଂ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।



# ସରକାରୀ କର୍ମଚାରୀଙ୍କ ପରିବାର ପାଇଁ ବଡ଼ ଆଶ୍ୱସ୍ତି

ଭୁବନେଶ୍ୱର,୧୯/୮ : ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ପୁନର୍ବାସ ସହାୟତା) ନିୟମ, ୨୦୨୬ ପ୍ରଣୟନ କରାଯାଇଥିବାରୁ ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ହାର୍ଦ୍ଦିକ କୃତଜ୍ଞତା ଓ ଅଭିନନ୍ଦନ ଜଣାଯାଇଛି।

ନୂତନ ନିୟମ ଦ୍ୱାରା ୨୦୨୦ ମସିହାର ପୁନର୍ବାସ ସହାୟତା ନିୟମକୁ ଅଧିକ୍ରମଣ କରାଯାଇଛି। ଚାକିରିରେ ଥିବାବେଳେ କୌଣସି ସରକାରୀ କର୍ମଚାରୀଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟିଲେ, ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁଯାୟୀ ମୂଳସ୍ତରୀୟ ଗ୍ରୁପ୍-ଡି ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ବିଚାର କରାଯିବ।ନୂତନ ନିୟମରେ ଯୋଗ୍ୟ ପରିବାର ସଦସ୍ୟଙ୍କ ପରିସରକୁ ଅଧିକ ସମାବେଶୀ କରାଯାଇଛି। ନିର୍ଦ୍ଧାରିତ ସର୍ତ୍ତ ପୂରଣ ଓ ପିତାମାତାଙ୍କ ଉପରେ ନିର୍ଭରଶୀଳତା ପ୍ରମାଣିତ ହେଲେ ବିବାହିତ କିମ୍ବା ଅବିବାହିତ ନିର୍ବିଶେଷରେ ଝିଅଙ୍କୁ, ଏବଂ ପରିବାର ସହ ସ୍ଥାୟୀ ଭାବେ ରହୁଥିବା ବିଧବା ଝିଅ ଓ ବିଧବା ବୋହୂଙ୍କୁ ମଧ୍ୟ ନିୟମର ପରିସରଭୁକ୍ତ କରାଯାଇଛି।୧୦୦ ପଏଣ୍ଟ ବ୍ୟବସ୍ଥାରେ ବାଦ୍ ପଡ଼ିଥିବା ପରିବାରଙ୍କୁ ନୂଆ ଆଶା

ନୂତନ ନିୟମର ସବୁଠାରୁ ମାନବିକ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ହେଉଛି— ୨୦୨୦ ନିୟମ ଅଧୀନରେ ବିଚାରାଧୀନ ଥିବା ସମସ୍ତ ଆବେଦନକୁ ନୂତନ ନିୟମ ଅନୁସାରେ ପୁନଃ ବିଚାର କରାଯିବ।ସେହିପରି, ପୂର୍ବର ୧୦୦ ପଏଣ୍ଟ ମୂଲ୍ୟାୟନ ବ୍ୟବସ୍ଥାରେ କେବଳ ଅଯୋଗ୍ୟ ଘୋଷିତ ହୋଇ ପ୍ରତ୍ୟାଖ୍ୟାନ ହୋଇଥିବା ଆବେଦନଗୁଡ଼ିକୁ ମଧ୍ୟ ପୁନଃ ବିଚାର କରାଯିବ। ଏହା ବର୍ଷ ବର୍ଷ ଧରି ନ୍ୟାୟସଙ୍ଗତ ପୁନର୍ବାସ ସହାୟତା ଆଶାରେ ଥିବା ଅନେକ ଶୋକସନ୍ତପ୍ତ ପରିବାର ପାଇଁ ନୂଆ ଆଶା ସୃଷ୍ଟି କରିଛି।ଏହା ସହିତ ସମ୍ପୂର୍ଣ୍ଣ ଆବେଦନ ପ୍ରାପ୍ତି ତାରିଖଠାରୁ ସାଧାରଣତଃ ଏକ ବର୍ଷ ମଧ୍ୟରେ ବିଚାର ଓ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବାରବ୍ୟବସ୍ଥାକୁ ମଧ୍ୟ ସଂଘ ସ୍ୱାଗତ କରିଛି।ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ପକ୍ଷରୁ କୁହାଯାଇଛି ।

# ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ନିମନ୍ତେ ନାଲକୋ ଏବଂ ଗବେଷଣା ପ୍ରତିଷ୍ଠାନ ମାନଙ୍କ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୧୯/୮: ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ), ଶିଳ୍ପ ଅବଶିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନରୁଦ୍ଧାର ପାଇଁ ସ୍କେଲେବଲ୍ ଏବଂ ବାଣିଜ୍ୟ ଉପଯୋଗୀ ସମାଧାନ ବିକାଶ କରିବା ପାଇଁ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି ।

ଏହି ପ୍ରୟାସର ଅଂଶ ସ୍ୱରୂପ, ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଆଜି ଭୁବନେଶ୍ୱରସ୍ଥିତ ନାଲକୋ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର (ଏନଆରଟିସି)ରେ ବହୁବିଧ ଉପଯୋଗୀ ଉତ୍ପାଦର ପୁନରୁଦ୍ଧାର ନିମନ୍ତେ ବିଟୁମିନସ କୋଇଲା ଫ୍ଲାଏ ଆସ୍ ପ୍ରକ୍ରିୟାକରଣ ପାଇଁ ପ୍ରଥମ ସ୍ୱଦେଶୀ ପାଇଲଟ୍ ପ୍ଲାଣ୍ଟ ଉଦଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଶ୍ରୀ ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ଡକ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, ସିଏସଆଇଆର -ଆଇଏମଏମଟି, ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ରେଜିଷ୍ଟ୍ରାର, କିଟ ବିଶ୍ୱବିଦ୍ୟାଳୟ, ତଥା ସମସ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦିନକୁ ୫୦ କିଲୋଗ୍ରାମ ପ୍ରସେସିଂ କ୍ଷମତା ସମ୍ପନ୍ନ ଫ୍ଲାଏ ଆଶ୍ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଣ୍ଟକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହାୟତାରେ ଉପରୋକ୍ତ ସଂସ୍ଥା ମାନଙ୍କ ଦ୍ୱାରା ମିଳିତ ଭାବେ ଡିଜାଇନ୍ ଏବଂ ପ୍ରତିଷ୍ଠା କରାଯାଇଛି। ଏହି ପାଇଲଟ୍ ସୁବିଧା ଫ୍ଲାଏ ଆଶ୍ ର ସାମଗ୍ରିକ ବ୍ୟବହାର ପାଇଁ ସିଏସଆଇଆର - ଆଇଏମଏମଟି ଏବଂ ନାଲକୋ ଦ୍ୱାରା ବିକଶିତ ଏକ ମିଳିତ ପେଟେଣ୍ଟ ପ୍ରକ୍ରିୟା ଉପରେ ଆଧାରିତ। ଏହି ପ୍ରକ୍ରିୟା ଆଲୁମିନା, ସେରାମିକ୍ ପ୍ରୟୋଗ ପାଇଁ କ୍ୟାଲସିୟମ୍ ସିଲିକେଟ୍, କାଚ ତିଆରିରେ ସମ୍ଭାବ୍ୟ ପ୍ରୟୋଗ ସହିତ କ୍ୱାର୍ଟଜ୍ ଅବଶିଷ୍ଟ ଏବଂ ସ୍କାନଡିୟମ୍ ସମେତ ରେୟାର ଆର୍ଥ ଏଲିମେଣ୍ଟ ରେ ସମୃଦ୍ଧ ଏକ ଲୁହା ହାଇଡ୍ରୋକ୍ସାଇଡ୍ ଅବଶିଷ୍ଟ ସମେତ ବହୁବିଧ ମୂଲ୍ୟଯୁକ୍ତ ଉତ୍ପାଦର ପୁନରୁଦ୍ଧାର କରାଯାଇପାରିବ।

ଏହି ଅବସରରେ, ବକ୍ସାଇଟ୍ ଅବଶିଷ୍ଟ (ରେଡ ମଡ) ମୂଲ୍ୟାଙ୍କନ ପାଇଁ ଏକ ପାଇଲଟ୍ ପ୍ଲାଣ୍ଟ ସ୍ଥାପନ ମିମନ୍ତେ ଭୂମିପୂଜନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରସ୍ତାବିତ ସୁବିଧା ମାଧ୍ୟମରେ ରେଡ ମଡ ରୁ ଫେରୋ ଟାଇଟାନିୟମ ଆଲୟ, ମେଟାଲିକ ଆଇରନ ଏବଂ ରେୟାର ଆର୍ଥ ଏଲିମେଣ୍ଟ ଗୁଡ଼ିକର ପୁନରୁଦ୍ଧାର ଉପରେ ଗବେଷଣା କରାଯିବ, ଯାହାଦ୍ୱାରା ଶିଳ୍ପ ଅବଶିଷ୍ଟ ଗୁଡ଼ିକର ଉପଯୁକ୍ତ ବ୍ୟବହାର ଆଗକୁ ବଢ଼ିପାରିବ। ଉଲ୍ଲେଖନୀୟ ଯେ, ସ୍ଥାୟୀ ଚୁମ୍ବକ, ବୈଦ୍ୟୁତିକ ଗତିଶୀଳତା, ନବୀକରଣୀୟ ଶକ୍ତି, ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ ପ୍ରକାରର ରଣନୈତିକ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ପାଇଁ ରେୟାର ଆର୍ଥ ଏଲିମେଣ୍ଟ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ଅଟେ। ଆଲୁମିନା ହେଉଛି ଆଲୁମିନିୟମ ଉତ୍ପାଦନ ପାଇଁ ପ୍ରମୁଖ ଫିଡଷ୍ଟକ୍ ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କଞ୍ଚାମାଲ। ଏପରି ସାମଗ୍ରୀର ପୁନରୁଦ୍ଧାର ସମ୍ବଳ ଦକ୍ଷତାକୁ ଉନ୍ନତ କରିପାରିବ, ପ୍ରାଥମିକ ଉତ୍ସଗୁଡ଼ିକୁ ପରିପୂରକ କରିପାରିବ ଏବଂ ଶିଳ୍ପ ଅବଶିଷ୍ଟ ରୁ ଅତିରିକ୍ତ ମୂଲ୍ୟ ପ୍ରଦାନ କରିପାରିବ। ଏହି ଫ୍ଲାଏ ଆସ୍ ପାଇଲଟ୍ ପ୍ଲାଣ୍ଟ, ମିଶ୍ରିତ ରେୟାର ଆର୍ଥ ଏଲିମେଣ୍ଟ ପୁନରୁଦ୍ଧାର ଏବଂ ପୃଥକୀକରଣ ଉପରେ ଅଧିକ ଗବେଷଣା ଏବଂ ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ରେୟାର ଆର୍ଥ ଏଲିମେଣ୍ଟ କନସେଣ୍ଟ୍ରେଟ୍ ଉତ୍ପାଦନ କରିବ ବୋଲି ମଧ୍ୟ ଆଶା କରାଯାଉଛି। ଏହା ଡାଉନଷ୍ଟ୍ରିମ୍ ମୂଲ୍ୟ-ଯୁକ୍ତ ଉତ୍ପାଦଗୁଡ଼ିକର ବିକାଶ ଏବଂ କ୍ରିଟିକାଲ ମିନେରାଲ ପାଇଁ ସମନ୍ୱିତ ପୁନରୁଦ୍ଧାର ପଥ ସ୍ଥାପନ କରିବାରେ ସହାୟକ ହେବ। ଏହି ଅବସରରେ, ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, କମ୍ପାନୀ ଶିଳ୍ପ ଅବଶିଷ୍ଟାଂଶକୁ ମୂଲ୍ୟବାନ ସମ୍ପଦରେ ପରିଣତ କରିବା ପାଇଁ ଗବେଷଣା, ନବସୃଜନ ଏବଂ ରଣନୈତିକ ସହଭାଗୀତାକୁ ଉପଯୋଗ କରିବା ନିମନ୍ତେ ପ୍ରତିବଦ୍ଧ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ସ୍ୱଦେଶୀ ପ୍ରଯୁକ୍ତିର ପାଇଲଟ୍-ସ୍କ ?ଲ ବୈଧତା ବ୍ୟବସାୟ ଯୋଗ୍ୟ ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଖଣିଜ ସୁରକ୍ଷା ଏବଂ ଚକ୍ରାକାର ଅର୍ଥନୀତିକୁ ସୁଦୃଢ଼ କରିପାରିବ। ଏହି ପଦକ୍ଷେପଗୁଡ଼ିକ ନିରନ୍ତର ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ବିକାଶ ପ୍ରତି ନାଲକୋ ର ପ୍ରତିବଦ୍ଧତାକୁ ଦର୍ଶାଉଛି। ନିରନ୍ତର ଗବେଷଣା ଏବଂ ବିକାଶ, ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସହିତ ରଣନୈତିକ ସହଯୋଗ ଏବଂ ଉଦୀୟମାନ ପ୍ରଯୁକ୍ତିର ପାଇଲଟ୍-ସ୍କ ?ଲ ବୈଧତା ମାଧ୍ୟମରେ, ନାଲକୋ କ୍ରିଟିକାଲ ମିନେରାଲ ସୁରକ୍ଷା,ଚକ୍ରାକାର ଅର୍ଥନୀତି ଏବଂ ନିରନ୍ତର ଶିଳ୍ପ ବିକାଶ ଉପରେ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ସମ୍ବଳ- ପୁନରୁଦ୍ଧାର ପଥ ଦିଗରେ କାର୍ଯ୍ୟ କରୁଛି।



## ସମ୍ପାଦକୀୟ

# ଉତ୍ତାପ ହଜାଇ ଦେଉଛି ନିଦ୍ରା

ଜଳବାୟୁ ପରିବ□ନ ଏବଂ ଏହାର ପ୍ରଭାବ ଏବେ ବିଶ୍ୱବ୍ୟାପୀ ଉଦ୍‌ବେଗର କାରଣ ହୋଇଥିବାବେଳେ ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅବିଶ୍ୱନୀୟ ହୋଇଥିଲେ ମଧ୍ୟ ସତ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଜଳବାୟୁ ପରିବର୍ତ୍ତନ ମାନବର ନିଦ୍ରା ହଜାଇ ଦେଇଛି। ବହୁ ଖ୍ୟାତନାମା ନିରପେକ୍ଷ ବୈଜ୍ଞାନିକ ଓ ଭାବବିନିୟମକାରୀ (କମ୍ୟୁନିକେଟର)ଙ୍କୁ ନେଇ ଗଠିତ 'କ୍ଲାଇମେଟ ସେଂଟ୍ରାଲ' ନାମକ ଏକ ସଂଗଠନ ପକ୍ଷରୁ ନିକଟରେ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଏହି ଚାଂଚଲ୍ୟକର ତଥ୍ୟ ପ୍ରକାଶ କରିଛି। ସେଂଟ୍ରାଲ କ୍ଲାଇମେଂଟ ବିଶ୍ୱବ୍ୟାପୀ ବହୁ ଉତପ୍ତସ୍ଥାନ ଚିହ୍ନଟ କରିଛି, ଯେଉଁ ସ୍ଥାନଗୁଡିକରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଲୋକଙ୍କ ନିଦ ହଜିଯାଇଛି। ଅର୍ଥାତ ସେଠାରେ ଲୋକଙ୍କ ନିଦ୍ରାର ଅବଧି ହ୍ରାସ ପାଇଛି। ମେଡିକାଲ ସାଇନସ୍‌ର ତଥ୍ୟ ଜଣେ ବ୍ୟକ୍ତି ରାତିରେ ଅତିକମରେ ୬ଘଂଟା ଶୋଇବା ଜରୁରୀ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏବେ ନିଦ୍ରାର ଅବଧି ୬ଘଂଟାରୁ କମିବାରେ ଲାଗିଛି। କ୍ଲାଇମେଟ ସେଂଟ୍ରାଲର ଲୋକଙ୍କ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛି। ରାତ୍ରିକାଳୀନ ତାପମାତ୍ରା ବୃଦ୍ଧି ନିଦ୍ରାହରଣର ମୁଖ୍ୟ କାରଣ ଭାବେ ଉଭା ହୋଇଛି। ରାତିରେ ଶୋଇବା ଲାଗି ଶରୀର ପାଇଁ ଯେତିକି ପରିମାଣର ଥଣ୍ଡା ଆବଶ୍ୟକ, ତାହା ନମଳିବା ଯୋଗୁଁ ଲୋକ ଅନିଦ୍ରାରେ ଛଟପଟ ହେବା ସାର ହେଉଛି। କ୍ଲାଇମେଟ ସେଂଟ୍ରାଲର ରିପୋର୍ଟ ଅନୁଯାୟୀ ୨୦୨୦ରୁ ୨୦୨୫ ମଧ୍ୟରେ ରାତ୍ରିକାଳୀନ ତାପମାତ୍ରାବୃଦ୍ଧି ଯୋଗୁଁ ଆନ୍ତର୍ଜାତିକ ସ୍ତରରେ ଲୋକାମନେ ବାର୍ଷିକ ହାରାହାରି ୫୬ ଘଂଟା ନିଦ୍ରା ହରାଇଛନ୍ତି। କିନ୍ତୁ ଭାରତରେ ଉଷ୍ମ ଓ ଆଦ୍ର ସ୍ଥାନଗୁଡିକରେ ବସବାସ କରୁଥିବା ଲୋକାମନେ ରାତ୍ରିକାଳୀନ ତାପମାତ୍ରା ଯୋଗୁଁ ବାର୍ଷିକ ହାରାହାରି ୯୦ଘଂଟା ନିଦ୍ରା ହରାଇଥିବା ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି। ବିଶେଷକରି ତାମିଲନାଡୁ, ପୁଡୁଚେରୀ, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡିଶା ସମେତ ବହୁ ରାଜ୍ୟରେ ରାତ୍ରି ତାପମାତ୍ରା ଉଚ୍ଚସ୍ତରରେ ରହୁଥିବାରୁ ଲୋକଙ୍କ ନିଦ୍ରା ବ୍ୟାଘାତ ହେଉଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, କ୍ଲାଇମେଟ ସେଂଟ୍ରାଲ ବିଶ୍ୱବ୍ୟାପୀ ୧୩୩୮ଟି ସହରରେ କରିଥିବା ତଥ୍ୟ ସଂଗ୍ରହରୁ ଏହା ଜଣାପଡିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଆଇଟି ହବ୍ ଭାବେ ପରିଚିତ ଚୀର ହରିତ ସହର ବେଙ୍ଗାଲୁରରେ ଜଳବାୟୁ ପରିବର୍ତ୍ତନ ରାତ୍ରିକାଳୀନ ନିଦ୍ରା ଉପରେ ଗଭୀର ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି। ବେଙ୍ଗାଲୁରର ବାସିନ୍ଦା ବାର୍ଷିକ ୮ଘଂଟା ନିଦ ହଜାଉଥିବା କୁହାଯାଏ। କୋଲକତା ମଧ୍ୟ ଏହାଠାରୁ ବହୁ ଦୂରରେ ନୁହେଁ। କୋଲକତାରେ ବାର୍ଷିକ ହାରାହାରି ୮୦ ଘଂଟା ମଧ୍ୟରୁ ୫ଜଣ ଲୋକେ ନିଦ୍ରା ହରାଉଛନ୍ତି। ଭୁବନେଶ୍ୱରରେ ମଧ୍ୟ ରାତ୍ରିକାଳୀନ ନିଦ୍ରା ବ୍ୟାଘାତ କିଛି କମ ନୁହେଁ। ଅସହ୍ୟ ଗରମ ଯୋଗୁଁ ରାତିରେ ଗରିବ, ଅସହାୟ ଓ ମଧ୍ୟବିତ ଲୋକମାନେ ଛଟପଟ ହେଉଥିବା କୁହାଯାଇଛି। ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୭୦ ଦଶକରୁ ଜଳବାୟୁ ପରିବର୍ତ୍ତନରୁ ସ୍ଥିତି ବିଗିଡିବାରେ ଲାଗିଛି। ରାତ୍ରିରେ ତାପମାତ୍ରା ବୃଦ୍ଧି ଓ ଉଚ୍ଚ ଆର୍ଦ୍ରତା ବୃଦ୍ଧି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ତେବେ ସହରାଚଂଳ ତୁଳନାରେ ଗ୍ରାମାଚଂଳରେ ରାତ୍ରିକାଳୀନ ଉଷ୍ମତାର ଆପାତତଃ କମ୍ ରହିଛି। ସହରାଚଂଳରେ କଂକ୍ରିଟ ନିର୍ମାଣ, ପିଚୁ, ଦିନରେ କାଚଦ୍ୱାରା ଅବଶୋଷିତ ଉତାପ ସୁର୍ଯ୍ୟସ୍ତ ପରେ ଧୀରେ ଧୀରେ ନିର୍ଗତ ହେବା ଯାନବାହାନକରୁ ନିର୍ଗତ ଧୂଆଁ, ଏବଂ ବୃକ୍ଷ ତଥା ବନାନୀ ହ୍ରାସ ରାତ୍ରି କାଳୀନ ଉତାପ ବୃଦ୍ଧିର କାରଣ ବୋଲି କୁହାଯାଏ। ଏହା ସତ ଯେ ନିଦ୍ରା ହେଉଛି ଏକ ଜୈବିକ (ବାୟୋଲୋଜିକାଲ) ଆବଶ୍ୟକତା । ଯାହାକି ମଣିଷ ଶରୀରରେ ପ୍ରତିରୋଧ କ୍ଷମତା, ହୃଦୟ ସଂକ୍ରାନ୍ତ ସ୍ୱାସ୍ଥ୍ୟ, ହଜମକ୍ରୀୟା, ବୌଦ୍ଧିକଶକ୍ତି ଏବଂ ଭାବନାତ୍ମକ ଶକ୍ତି ବୃଦ୍ଧି କରିଥାଏ। ଯେତେବେଳେ ଶରୀର ଉତାପ ଛାଡିପାରେ ନାହିଁ, ସେତେବେଳେ ଅନିଦ୍ରା ରହିବା ସାର ହୋଇଥାଏ। ଦେଶରେ ଧନୀକ ତଥା ଉଚ୍ଚ ଆୟବର୍ଗର ଲୋକମାନେ ଘରକୁ ଥଣ୍ଡା ରଖିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଥିବା ବ୍ୟୟଭାର ଦୃଷ୍ଟିରୁ ଗରିବ, ମଧ୍ୟବିତ ତଥା ସ୍ୱଳ୍ପ ଆୟକାରୀମାନେ ଅସୁରକ୍ଷିତ ହୋଇ ରହିଛନ୍ତି। ଏହି ଦୃଷ୍ଟିରୁ ନିଦ୍ରା ଏବେ ବ୍ୟୟବହୁଳ ହୋଇପଡିଛି। ସେହିପରି ନିଦ ହାନୀ ମଧ୍ୟ ମାନବ ସମ୍ବଳ ଓ ଶ୍ରମ କ୍ଷେତ୍ରକୁ ପ୍ରଭାବିତ କରିବାରେ ଲାଗିଛି। ରାତ୍ରି ନିଦ୍ରା ବ୍ୟାଘାତରୁ ଉତ୍ପନ ଆଳସ୍ୟତା ଯୋଗୁଁ ଉତ୍ପାଦନ ହ୍ରାସ ପାଇବାର ମୁଖ୍ୟ କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୨୧ ଧାରା ଅନୁସାରେ ନିଦ୍ରାକୁ ସୁପ୍ରିମକୋର୍ଟ ଏକ ମୌଳିକ ଅଧିକାର ଭାବେ ଚିହ୍ନଟ କରିଛନ୍ତି। ରାତ୍ରିକାଳୀନ ବିଶ୍ରାମ ବା ନିଦ୍ରା ଏହି ଅଧିକାରରୁ ପୃଥକ ନୁହେଁ। ତେଣୁ ଜଳବାୟୁ ପରିବର୍ତ୍ତନ ମୁକାବିଲା ପ୍ରତି ଅଗ୍ରାଧିକାର ଦେବାର ସମୟ ଏବେ ଉପନୀତ।

# ପାଟଣା ବ୍ଲକରେ ପ୍ରସ୍ତାବିତ ଜେଏସ୍‌ଡବ୍ଲୁ / ପୋସ୍କୋର ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ବିରୁଦ୍ଧରେ ୭ ଦିନ ପଦଯାତ୍ରା କରିବ ଯୁବ କଂଗ୍ରେସ

ଭୁବନେଶ୍ୱର,୧୮/୮ : ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ପାଟଣା ବ୍ଲକର ପ୍ରସ୍ତାବିତ ଜେଏସ୍‌ଡବ୍ଲୁ ପୋସ୍କୋ-ଷ୍ଟିଲ ପ୍ଲାଣ୍ଟସ୍ଥାପନ ଅଂଚଳ ପରିଦର୍ଶନ କରିଥିଲେ। ସେଠାରେ ସେ ଯମୁନାପଶି ଓ ଚେମନା ପଞ୍ଚାୟତର ୧୨ଟି ଗ୍ରାମର ଆଦିବାସୀ, ଦଳିତ ଓ ଓବିସି ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି କମ୍ପାନୀ ସ୍ଥାପନ ଦ୍ୱାରା ପାଖାପାଖି ୧୫ ହଜାର ଲୋକେ ପ୍ରଭାବିତ ହେବେ ବୋଲି ଜଣାପଡିଛି। ଶ୍ରୀ ପାତ୍ର କହିଛନ୍ତି ଯେ କେନ୍ଦୁଝରର ଅଧିବାସୀମାନେ ଭାବିଥିଲେ ଯେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ହୋଇଥିବାରୁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟାକୁ ପ୍ରଥମେ ପ୍ରାଧାନ୍ୟ ଦେବେ। ମାତ୍ର ମୁଖ୍ୟମନ୍ତ୍ରୀ କମ୍ପାନୀର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ଯମୁନାପଶି ଓ ଚେମନାର ଅଧିବାସୀ ସ୍ୱାର୍ଥକୁ ପଦାଘାତ କରିଛନ୍ତି।



ଏହି କମିଟି ଦୁଇଟି ପଞ୍ଚାୟତର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ କମ୍ପାନୀ ପ୍ରତିଷ୍ଠା ହେଲେ ସେ ଅଂଚଳରେ କଣ ସମସ୍ୟା ସୃଷ୍ଟି ହେବ ସେ ବିଷୟରେ କମିଟିକୁ ବୁଝାଇଥିଲେ। ଏଠିକାର ଅଧିବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ନ ଦେଲେ ଯୁବ କଂଗ୍ରେସ ଏହି ଅଧିବାସୀମାନଙ୍କର ସ୍ୱର ହେବ। ସରକାରଙ୍କୁ ଏଥିପାଇଁ ୧୫ ଦିନ ସମୟ ଦିଆଯାଇଛି। ଯଦି ସରକାର ଏଠିକାର ସ୍ଥାନୀୟ ଅଧିବାସୀମାନଙ୍କ ସହିତ ଆଲୋଚନା ନ କରନ୍ତି ତେବେ ଯୁବ କଂଗ୍ରେସ ଏଠିକାର ସମସ୍ତ ଗ୍ରାମରେ ୭ ଦିନ ପଦଯାତ୍ରା କରିବା ପାଇଁ ସ୍ଥିର କରିଛି।

ଏଠିକାର ଅଧିବାସୀମାନଙ୍କର ଦାବୀ : ସେଠାରେ କମ୍ପାନୀ ପ୍ରତିଷ୍ଠାକୁ ସଂପୂର୍ଣ୍ଣ ବିରୋଧ। " ଜୀବନ ଦେବୁ ହେଲେ ମା' ମାଟିକୁ ଛାଡିବୁ ନାହିଁ।" ଶିଳ୍ପାୟନ ନାମରେ ମୋହନ ସରକାର ଆଦିବାସୀ ଓ ବନବାସୀ ମାନଙ୍କର ସର୍ବସ୍ୱାନ୍ତ କରିବାକୁ ଚକ୍ରାନ୍ତ କରିଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଦିବାସୀ ଅଧ୍ୟୁଷିତ

ଅଂଚଳରେ ବିକାଶ ତ ହେଉନାହିଁ କି ସେମାନଙ୍କର ସମସ୍ୟାର ସମାଧାନ ହେଉନାହିଁ, ମାତ୍ର ସେ ଅଂଚଳରେ ଦୃତ ଖଣି ଖନନ ଓ ଶିଳ୍ପାୟନ କରି ସେମାନଙ୍କର ଜୀବିକା, ପୈତୃକ ସମ୍ପତ୍ତି ବାସସ୍ଥାନ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଛଡାଇ ନିଆଯାଉଛି। ସେମାନଙ୍କୁ ଅମାନୁଷିକ ଆକ୍ରମଣ କରି ଲହୁଲୁହାଣ କରାଯାଉଛି, ହତ୍ୟା କରାଯାଉଛି ଓ ସେମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ଜୋଡି ଦିଆଯାଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ଏବଂ ଓଡ଼ିଶାର ଆଦିବାସୀ ମହିଳା ଭାରତର ରାଷ୍ଟ୍ରପତି ହୋଇଥିଲେ ବି ଓଡ଼ିଶାର ଆଦିବାସୀ ଓ ବନବାସୀ ସବୁଠାରୁ ଲୁଣ୍ଠିତ ଓ ଅତ୍ୟାଚାରିତ।

ଆମେ ଏଠି କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକରେ କିପରି ଆଦିବାସୀ ଓ ବନବାସୀଙ୍କୁ ଶିଳ୍ପାୟନ ନାମରେ ଅତ୍ୟାଚାର କରାଯାଉଛି ତା'ର ଚିତ୍ର ପ୍ରଦାନ କରୁଛୁ। ପୂର୍ବ ସରକାରରେ ପାଟଣା ବ୍ଲକରେ ମିତଲ ଷ୍ଟିଲପ୍ଲାଣ୍ଟ; ସ୍ଥାପନ ହେବା ପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ସତ୍ତ୍ୱେ ପାଟଣା ଓ କେନ୍ଦୁଝର ଜିଲ୍ଲାର ଲୋକଙ୍କ ଦୃଢ଼ ପ୍ରତିବାଦ ଯୋଗୁଁ ମିତଲ ୨୦୧୩ ମସିହାରେ ତା'ର ନିଷ୍ପତ୍ତିରୁ ଓହରି ଯାଇଥିଲା।

ମାତ୍ର ଏବେ ମୋହନ ସରକାର ପାଟଣା ବ୍ଲକର ଯମୁନାପସି ଓ ଚେମଣା ପଞ୍ଚାୟତର ୧୪୬୫ ଏକର ୯୨ ଡିସିମିଲ ଜାଗା ନେଇ ଜେଏସଡବ୍‌ଲୁ / ପୋସ୍କୋର ଷ୍ଟିଲପ୍ଲାଣ୍ଟ; ସ୍ଥାପନ କରିବା ପାଇଁ ଯୋଜନା କରିଛି। ଏବେ ଶୁଣିବାକୁ ମିଳୁଛି ସେହି ଅଂଚଳର ୯୯ ଏକର ଜମି ସରକାର ଆମ ଅଜଣାତରେ କାଗଜପତ୍ରରେ କମ୍ପାନୀକୁ ଦେଇ ସାରିଲେଣି। ଯେଉଁ ଦୁଇଟି ପଞ୍ଚାୟତକୁ ନେଇ ଏହି କମ୍ପାନୀ ପ୍ରତିଷ୍ଠା ହେବ ସେଠାରେ ପାଖାପାଖି ୧୫ ହଜାର ଅଧିବାସୀ ପ୍ରଭାବିତ ହେବେ। ଯମୁନାପସିର ଯମୁନାପସି, କୋଡଖମଣ, ଗୋଡି ପୋଖରୀ, ବରୁନିପସି ଏବଂ ଚେମନା ପଞ୍ଚାୟତର ଅଙ୍ଗିକଳା, ଚିଲିଦା, ରେଙ୍ଗାଳବେଡା, ଚେମଣା, ବାରଡାଙ୍ଗୁଆ, ଧର୍ନୁଞ୍ଜୟପୁର, ଭୃଙ୍ଗରାଜପସି, ବଳିଆପସି ପ୍ରଭୃତି ୧୨ଟି ଗ୍ରାମ ଏହି କମ୍ପାନୀ ହେଲେ ମରୁଭୂମିରେ ପରିଣତ ହେବ। ଏହି କମ୍ପାନୀ ପ୍ରତିଷ୍ଠା ହେଲେ ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ଜଙ୍ଗଲ, ଝରଣା, ଶ୍ମଶାନ, ଗୋଚର, ଖେଳପଡିଆ, ମନ୍ଦିର ଓ ଗ୍ରାମ୍ୟ ଠାକୁରାଣୀ ପ୍ରଭୃତି ଧ୍ୱଂସ ହୋଇଯିବ। ବିଶେଷ କରି ଏଠିକାର ସୁନ୍ଦର ପରିବେଶ, ଉର୍ବର ଚାଷଜମି, ଘରବାଡି ଓ ଲୋକଙ୍କର ଜୀବିକା, ପରମ୍ପରା ଓ ସ୍ୱାଭିମାନ, ଧର୍ମୀୟ ଅନୁଷ୍ଠାନ ଓ ଭାବନ ସବୁକିଛି କମ୍ପାନୀ ଛଡେଇ ନେବ ଏବଂ ଧ୍ୱଂସ କରିଦେବ। ଏହି ୧୨ଟି ଗ୍ରାମରେ ୭୦ ପ୍ରତିଶତ ଲୋକ ଆଦିବାସୀ ଏବଂ ଏଠାରେ ଗଣ୍ଡ, ବାଥୁଡି, କୋହ୍ଲ, ଭୂୟାଁ ଓ ସାଉଁଟି ସମ୍ପ୍ରଦାୟର ଲୋକ ରହୁଛନ୍ତି। ବାକି ଲୋକମାନେ ପଛୁଆବର୍ଗର ଅଟନ୍ତି। ମୋହନ ସରକାର କମ୍ପାନୀ ପ୍ରେମରେ ସେଠିକାର ଆଦିବାସୀଙ୍କ ତଣ୍ଟିରେ ଖୋଜ ପକାଇବା ପାଇଁ ଚକ୍ରାନ୍ତ କରିଛନ୍ତି। ଏଠିକାର ଅଧିବାସୀମାନେ କମ୍ପାନୀ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରୁଥିବାରୁ ବିନା କାରଣରେ ପୁଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ଯୋଡିବା ସହ ଆନ୍ଦୋଳନକାରୀଙ୍କ ଉପରେ ନିର୍ମମ ଲାଠି ଚାର୍ଜ କରିଛି। କିଛି ଆନ୍ଦୋଳନକାରୀ ମଧ୍ୟ ଜେଲ ଦଣ୍ଡ ଭୋଗିଛନ୍ତି। କମ୍ପାନୀ ପ୍ରତିଷ୍ଠା ପାଇଁ ଯେଉଁ ବିଧିବ୍ୟବସ୍ଥା ରହିଛି ତଦନୁଯାୟୀ ପ୍ରଥମେ ଗ୍ରାମସଭା କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨ଟି ଗ୍ରାମକୁ ଛାଡିଦେଲେ ଅନ୍ୟ ୧୦ଟି ଗ୍ରାମରେ ଗ୍ରାମସଭା ହୋଇସାରିଛି। ବହୁ ଗ୍ରାମବାସୀଙ୍କର ବିରୋଧ ସତ୍ତ୍ୱେ ବାହାରୁ ଲୋକ ଆଣି ପୁଲିସ ଛାଉଣି କରି ଗ୍ରାମସଭାରେ ବସାଇ ଗ୍ରାମସଭାକୁ ସଫଳ କରାଯାଇଛି ବୋଲି ପ୍ରଶାସନ ମିଥ୍ୟା ପ୍ରଚାର କରୁଛନ୍ତି। ଗୋଟିଏ ଗାଁରେ ଲୋକ ସଂଖ୍ୟା ୧ ହଜାର ଥିବାବେଳେ ଗ୍ରାମସଭାରେ ୨ହଜାରେ ଲୋକ କିପରି ଉପସ୍ଥିତ ରହିଲେ ଏବଂ ଗ୍ରାମସଭା ବହାରେ ଆହୁରି ୨ ହଜାର କିପରି ଜମା ହେଲେ? ତେଣୁ ସଂପୂର୍ଣ୍ଣଭାବେ ବାହାର ଲୋକ ଅଣାଯାଇ ଜାଲିଆତି କରି ଗ୍ରାମସଭା ସଫଳ ହୋଇଛି ବୋଲିଘୋଷଣା କରୁଛନ୍ତି।

ପୂର୍ବରୁ ଗ୍ରାମବାସୀମାନେ ସରପଞ୍ଚ, ତହସିଲଦାର, ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କମ୍ପାନୀ ପ୍ରତିଷ୍ଠା ନ କରିବା ପାଇଁ ଅଭିଯୋଗ ପତ୍ର ଦାଖଲ କରିଥିଲେ। ପଞ୍ଚାୟତରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ସବୁଠାରେ ଏହି ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ବେଳେ ଆଦିବାସୀମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି। ଗ୍ରାମସଭା ସରିଲାଣି କିନ୍ତୁ ସରକାର କମ୍ପାନୀ ସହ କଣ ଏମଓୟୁ ହୋଇଛି ତାହାକୁ ସାର୍ବଜନୀନ କରିନାହାନ୍ତି। ଏହି କମିଟିରେ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ଯାସିର ନଓ୍ୱାଜ, ବଟକୃଷ୍ଣ ରାଉତରାୟ, ସୁନେସ ଧିର, ବିନୋଦ ନାୟକ ଓ ସନ୍ଦିପ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଏମ୍ ଏମ୍ ଡି ଆର ବିଲ୍–୨୦୨୬ ପ୍ରତ୍ୟାହାର ଦାବିରେ ଐକ୍ୟବଦ୍ଧ ହେଲେ ବିରୋଧୀ ଦଳ



ଭୁବନେଶ୍ୱର,୧୯/୮ : ଆଜି କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକ୍‌ର ବିଭିନ୍ନ ଦଳ—କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରଓ୍ୱାର୍ଡ ବ୍ଲକ୍, ଏନ୍ ?ସିପି ଓ ଏସ ପି ର ରାଜ୍ୟ ନେତୃବୃନ୍ଦ ଏକତ୍ରିତ ହୋଇ ରାଜ୍ୟର ସାମ୍ପ୍ରତିକ ଜନସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚ଼ନା କରିଛନ୍ତି ।

ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍ ଏମ୍ ଡି ଆର୍ ବିଲ୍–୨୦୨୬କୁ ତୀବ୍ର ବିରୋଧ ବିରୋଧ କରି ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ବିଲ୍ ?ଟି ଆଇନରେ ପରିଣତ ହେଲେ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି।

ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅବସ୍ଥାକୁ ସମ୍ମୁଖୀନ ହେବେ, କର୍ପୋରେଟ ଲୁଣ୍ଠନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ବିଜେପିର ସାଂସଦମାନେ ସଂସଦରେ ଏହି ବିଲ୍ କୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି ବୋଲି କୁହାଯାଇଛି। ବିଲ୍‌କୁ ରାଷ୍ଟ୍ରପତି ମହୋଦୟା ସମ୍ମତି ନ ଦେବା ପାଇଁ ମାନନୀୟା ରାଷ୍ଟ୍ରପତିଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯିବ।

ପ୍ରାଥମିକ ଶିକ୍ଷାର ପାଠ୍ୟପୁସ୍ତକରେ ଘଟିଥିବା ଗୁରୁତର ଓ ଅକ୍ଷମଣୀୟ ତ୍ରୁଟି ପାଇଁ ବୈଠକରେ ଦାୟିତ୍ୱ ନିର୍ଦ୍ଧାରଣ ଓ ତୁରନ୍ତ ସଂଶୋଧନ ଦାବି କରାଯାଇଛି। ଏହି ଘଟଣା ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ଶିକ୍ଷକ ମାନଙ୍କ ଦାବିକୁ ସମର୍ଥନ କରି କୁହାଯାଇଛି, ସେମାନେ ଶହଶହ ସଂଖ୍ୟାରେ ବର୍ଷାରେ ଭିଜି ଭିଜି ଧାରଣା ଦେଉଥିବା ବେଳେ ସରକାର ନିଦାବିଷ୍ଟୁ ସାଜିବାକୁ ନିନ୍ଦା କରାଯାଇଛି।ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସରକାର ଘୋଷଣା କରିଥିବା ରିଲିଫ୍ ପ୍ୟାକେଜ୍ ?କୁ ଦଳମାନେ ସମୁଦ୍ରକୁ ଶଙ୍ଖ ପାଣି ବୋଲି କହିଛନ୍ତି। ପ୍ରତି ଏକର ଚ଼ାଷରେ କ୍ଷତି ସର୍ବନିମ୍ନ ୨୫, ୦୦୦ଟଙ୍କା ରୁ ଅଧିକ ହୋଇଥିବାବେଳେ ସରକାର ଏକର ପିଛା ୧,୦୦୦ରୁ କମ୍ ସହାୟତା ଘୋଷଣା କରିବା ବିପନ୍ନ ଚ଼ାଷୀଙ୍କ କ୍ଷତ ଉପରେ ଆଘାତ ସଦୃଶ ଏବଂ ନିର୍ମମ ଉପହାସ ବୋଲି ଦଳମାନେ କହିଛନ୍ତି। ପ୍ରକୃତ କ୍ଷୟକ୍ଷତିର ଆକଳନ କରି ଚ଼ାଷୀ ଓ ବନ୍ୟା ବିପନ୍ନଙ୍କୁ ଯଥୋଚ଼ିତ କ୍ଷତିପୂରଣ ଦେବାକୁ ଦାବି କରାଯାଇଛି।

ବୈଠକରେ ଓଡ଼ିଶାରେ ବିଜେପି ସରକାରର ଜନବିରୋଧୀ ଶାସନ, ବେକାରୀ, ମୂଲ୍ୟବୃଦ୍ଧି, କୃଷକ ଓ ଶ୍ରମିକଙ୍କ ସମସ୍ୟା, ଶିକ୍ଷା-ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷାର ଅବ୍ୟବସ୍ଥା ସମେତ ବିଭିନ୍ନ ଜନସମସ୍ୟା ଉପରେ ଆଲୋଚ଼ନା ହୋଇଛି। ଏହି ସମସ୍ୟାଗୁଡ଼ିକୁ ନେଇ ଓଡ଼ିଶାବ୍ୟାପୀ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଦଳମାନେ ସଂକଳ୍ପ ନେଇଛନ୍ତି।୨୦ ଅଗଷ୍ଟ ପରେ ବିଭିନ୍ନ ଇଣ୍ଡିଆ ବ୍ଲକ୍ର ଦଳମାନେ ପୁନର୍ବାର ଆଲୋଚ଼ନା କରି ମିଳିତ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବେ। ଲୋକଙ୍କ ମୁଖ୍ୟ ସମସ୍ୟାକୁ କେନ୍ଦ୍ର କରି ଧାରାବାହିକ ପ୍ରଚ଼ାର ଓ ଆନ୍ଦୋଳନ କରାଯିବ। ଲୋକଙ୍କ ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ସମସ୍ତ ବିଜେପିର ନିତୀ ବିରୋଧରେ ଥିବା ସମସ୍ତ ବିରୋଧୀ ଦଳ, ଗଣତାନ୍ତ୍ରିକ ଶକ୍ତି, ସାମାଜିକ ସଂଗଠନ, କୃଷକ, ଶ୍ରମିକ, ଯୁବ, ଛାତ୍ର ଓ ମହିଳାମାନେ ଏକତ୍ରିତ ହୋଇ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ କରାଯାଇଛି।

ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚ଼ରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ ବ୍ଲକ୍ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍ ?ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ଅନ୍ତସାର ଶୂନ୍ୟ: ବିଜେଡି

ଭୁବନେଶ୍ୱର, ୧୯/୮ :ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀଙ୍କ ଗତକାଲିର ବନ୍ୟାଞ୍ଚଳ ଗସ୍ତ ଲୋକଙ୍କ ସୁବିଧା ପାଇଁ କମ୍, ନିଜ ପ୍ରଚ଼ାର ପାଇଁ ବେଶୀ ବୋଲି ବିଜୁ ଜନତା ଦଳ କହିଛି । ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ବେଳେ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବାରେ ଓ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କ୍ଷେତ୍ରରେ ବିଫଳ ହେବା ପରେ କେବଳ ନିଜ ପ୍ରଚ଼ାର ଲକ୍ଷ୍ୟରେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ବନ୍ୟା ପ୍ରଭାବିତ ଲୋକଙ୍କ କଟା ଘାରେ ଚୂନ ସଦୃଶ୍ୟ ହୋଇଛି ବୋଲି ବିଜେଡି କହିଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଥିଲେ ଯେ, ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ, ରାଜନୀତି ଉଦେ୍‌ଦଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ରାଜ୍ୟ ପାଇଁ ଦୁର୍ଭାଗ୍ୟଜନକ । ଯେତେବେଳେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବନ୍ୟା ଜଳ ପଶିଯିବାରୁ ଲୋକେ ହନ୍ତସନ୍ତ ହେଉଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ଭୋଜିଭାତରେ ମାତିଥଲେ ।

## ସ୍ଥାନୀୟ ଆପାତକାଳୀନ ବୈଠକ

# ରାସାୟନିକ ଜନିତ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱାରୋପ




ଭୁବନେଶ୍ୱର,୧୯/୮ : କଳକାରଖାନା ଗୁଡିକରେ ବିଭିନ୍ନ ରାସାୟନିକ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ସଂପୃକ୍ତ କର୍ମଚ଼ାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅନେକ ସମୟରେ ଧନଜୀବନ କ୍ଷତିକୁ ରୋକାଯାଇପାରିବ । ଏ ସଂପର୍କରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ସ୍ଥାନୀୟ ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି ।

କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି ବୈଠକରେ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ଅନିତା ବେହେରା ରସାୟନଜନିତ ଦୁର୍ଘଟଣା ଓ ଏହାର ନିରାକରଣ ଉପରେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ଭୁବନେଶ୍ୱରର ମଞ୍ଚ ?ଶ୍ୱର, ଭଗବାନପୁର, ଆଇଗିଣିଆ ଓ ଚ଼ନ୍ଦକା ଭଳି ଶିଳ୍ପାଞ୍ଚଳରେ ଅନେକ କଳକାରଖାନା ଥିବାରୁ ଏ ସଂପର୍କରେ ସଂପୃକ୍ତ ସଂସ୍ଥାଗୁଡିକ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । କଳକାରଖାନାଜନିତ ଦୁର୍ଘଟଣା କେବଳ ସେହି ସଂସ୍ଥାର କ୍ଷତି କରି ନଥାଏ, ବରଂ ପରିବେଶ ପ୍ରଦୂଷଣ ସହିତ ନିକଟସ୍ଥ ଜନବସତିରେ ବ୍ୟାପକ ଧନଜୀବନ ହାନି କରିଥାଏ । ଏଥି ନିମନ୍ତେ ବିଭିନ୍ନ ସଂସ୍ଥା ନିରନ୍ତର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ସହ ଶିଳ୍ପ ସଂସ୍ଥା ପାଇଁ ଜାରି ଉପଯୁକ୍ତ ସୁରକ୍ଷା ମାନକ ପାଳନ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ନିରଦ୍ଧିଷ୍ଟ ସମୟ ବ୍ୟବଧାନରେ କର୍ମଚ଼ାରୀମାନଙ୍କ ମଧ୍ୟରେ ମକ୍‌ଡ୍ରିଲ ଆୟୋଜନ କରି ସମ୍ଭାବ୍ୟ ବିପଦ ପ୍ରତି ସତର୍କ ରହିବାର ପ୍ରଣାଳି ବାବଦରେ ସେମାନଙ୍କୁ ସଚେତନ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ଉପଜିଲ୍ଲାପାଳ ଡ. ସାହୁ କହିଲେ ଯେ ସରକାରୀ କ୍ଷେତ୍ରରେ ସଡକ ନିର୍ମାଣ, ଡ୍‌ରେନେଜ୍ ? ସଫେଇ ଭଳି କାର୍ଯ୍ୟରେ ବ୍ୟବହୃତ ରାସାୟନିକ ସାମଗ୍ରୀ ପ୍ରୟୋଗବେଳେ କର୍ମଚ଼ାରୀମାନେ ସତର୍କତା ଅବଲମ୍ବନ କରିବା ଉଚ଼ିତ ।

# ଗାନ୍ଧିମାର୍ଗରେ ନ୍ୟାୟ ମାଗୁଛନ୍ତି ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ସରକାର ନୀରବଦ୍ରଷ୍ଟା : ସମନ୍ୱୟ ସମିତି



ଭୁବନେଶ୍ୱର, ୧୯/୮ : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ରାଜଧାନୀର ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଆଜି ତୃତୀୟ ଦିବସରେ ଉପନୀତ । ଗାନ୍ଧୀମାର୍ଗର ଦୃଶ୍ୟ ଯିଏ ଦେଖିବ ମୁହଁରେ ପ୍ରକାଶ କରୁ ବା ନକରୁ ରାଜ୍ୟର ଶିକ୍ଷା ଓ ଶିକ୍ଷକଙ୍କର ପ୍ରକୃତ ମାର୍ମିକ ଛବି ହୃଦୟଙ୍ଗମ କରିପାରିବ । ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ଥାୟିତ୍ୱ ସହିତ ଅନୁଦାନ, ପେନ୍‌ସନ୍, ନିଯୁକ୍ତି, ସରକାରୀକରଣ ଏବଂ ଛାତ୍ରଛାତ୍ରୀମାନଙ୍କୁ ସମାନ ସୁବିଧା ଓ ସୁଯୋଗ ପ୍ରଦାନ ପାଇଁ ତିନି ଦିନ ଧରି ଦିନ ରାତି ବର୍ଷାରେ ଭିଜି ବସିରହି ନିଜ ନିଜ ଅଞ୍ଚଳର ପରିଚାଳନା କମିଟି, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଜନସାଧାରଣଙ୍କ ତରଫରୁ ଗଣତାନ୍ତ୍ରିକ ପଦ୍ଧତିରେ ନ୍ୟାୟ ମାଗୁଛନ୍ତି କିନ୍ତୁ ଆମ ଦୁର୍ଭାଗ୍ୟ ଯେଉଁମାନଙ୍କୁ ଭୋଟ୍ ଦେଇ ସରକାର ଗଢ଼ିବାର ସୁଯୋଗ ଦେଲୁ ସେହି ସରକାର ଆଜି ଦେଇଥିବା ପ୍ରତିଶ୍ରୁତି ପାଳନ ନକରି ନୀରବଦ୍ରଷ୍ଟା ସାଜି ବସି ରହିଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧମରେ କହିଛନ୍ତି ।

ସୂଚନାଥାଉକି, ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ଦିନଠାରୁ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ଓ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନଙ୍କୁ ନ୍ୟାୟିକ ଓ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପେନସନ୍ ପ୍ରଦାନ ନିମନ୍ତେ ଦାବି କରାଯାଉଛି । କିନ୍ତୁ ସରକାର ଉଭୟ ବିଧାନସଭା ଭିତରେ ଓ ବାହାରେ ଦେଇଥିବା ପ୍ରତିଶ୍ରୁତି ପାଳନ ନକରିବାରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଘୋର ନୈରାଶ୍ୟ ଓ ମାନସିକ ଯନ୍ତ୍ରଣା ଭିତରଦେଇ ଗତିକରିବା ସହିତ ଶ୍ରେଣୀଗୃହ ଛାଡ଼ି ରାଜରାସ୍ତାରେ ବିଧାନସଭା ସମ୍ମୁଖରେ ଥିବା ଗାନ୍ଧିମାର୍ଗରେ ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି । ଶିକ୍ଷକ କର୍ମଚାରୀ ମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରୁ ଅନୁଦାନ ପ୍ରତ୍ୟାଶୀ ସମସ୍ତ ସ୍କୁଲଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜର ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନ୍‌ସନ୍, ଖାଲିଥିବା ପଦବୀ ଗୁଡ଼ିକରେ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସରକାରୀକରଣ, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା ଏବଂ ରାଜ୍ୟର ବେସରକାରୀ ଓ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଆଦି ଦାବି ଅନ୍ତର୍ଭୁକ୍ତ ଅଟେ ।

ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ରାଜ୍ୟ ସରକାର ପୂର୍ବ ପ୍ରଚଳିତ ଅନୁଦାନ ନୀତିକୁ କାର୍ଯ୍ୟକାରୀ ନକରି କମିଟି ନାମରେ ବିଳମ୍ବ କରୁଛନ୍ତି । ଫଳରେ ଅନୁଦାନ ଯୋଗ୍ୟ ସ୍କୁଲ ଗୁଡ଼ିକ ଅନୁଦାନରୁ ବଞ୍ଚିତ ହେଉଛନ୍ତି । ୩୦ ବର୍ଷ ହେଲା ସେହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ମାଗଣାରେ ଗୋଟି ଶ୍ରମିକ ଭଳି ଖଟୁଛନ୍ତି ଓ ସେହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି, ଯାହାକି ବାଧ୍ୟତାମୂଳକ ଶିକ୍ଷା ଆଇନ ୨୦୦୯କୁ ଉଲଙ୍ଘନ କରୁଛି । ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜ ଗୁଡ଼ିକରୁ ୭୦୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଶୂନ୍ୟ ହସ୍ତରେ ଅବସର ନେଇ ନିଜର ମୌଳିକ ଆବଶ୍ୟକତା ପୂରଣ ନକରି ହାହତାଶା ମଧ୍ୟରେ ଜୀବନ ଅତିବାହିତ କରିବା ସହିତ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ପେନସନ୍ ସମ୍ପର୍କରେ ୧୯୮୧ ପେନ୍‌ସନ ରୁଲ୍‌କୁ ଲାଗୁ କରିବା ପାଇଁ ୧୨.୦୧.୨୦୨୪ରେ ମାନ୍ୟବର ଉଚ୍ଚନ୍ୟାୟଳୟ ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଉ ନାହିଁ । ଅବସର ବେଳେ ଶିକ୍ଷକଟିକୁ ତାର ଉଚିତ ନ୍ୟାୟ ନଦେଇ ତାକୁ ରିକ୍ତ ହସ୍ତରେ ବିଦା କରାଯାଉଛି, ଯାହାକି ଏକ ସାମାଜିକ ଅପରାଧ ଅଟେ । ସମସ୍ୟା ସମାଧାନ ପାଇଁ ସରକାର ସହୃଦୟତାର ସହିତ ବିଚାର କରି ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ । ଏହା ନକଲେ ଏ ଆନ୍ଦୋଳନ ଥମିବ ନାହିଁ ଆହୁରି ଆଗକୁ ବଢ଼ିବ । ଆଗାମୀ ଦିନରେ ଅଭିଭାବକ, ପରିଚାଳନା କମିଟି ସମସ୍ତେ ଏଥିରେ ସାମିଲ ହେବେ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ।

ଆଜିର ସାଧାରଣ ସଭାରେ ମାନ୍ୟବର ବିଧାୟକ ଅଶ୍ୱିନୀ ପାତ୍ର, ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କର ଦାବି ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବା ସହ ଆଗାମୀ ବିଧାନ ସଭାରେ ଶିକ୍ଷକ ମାନଙ୍କର ଦାବିକୁ ନେଇ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯିବା କଥା କହିଥିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଆଗକୁ ଆସି ଶିକ୍ଷକ ଓ ଶିକ୍ଷାକର୍ମଚାରୀ ମାନଙ୍କର ସମସ୍ୟା ସମାଧାନ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବେ ବୋଲି ସମନ୍ୱୟ ସମିତିର ନେତୃମଣ୍ଡଳୀ ସର୍ବଶ୍ରୀ ଆବାହକ ରଞ୍ଜନ କୁମାର ଦାଶ, ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ୋକ୍ତି ଦୃଢ଼ ଦାବି କରିଛନ୍ତି ।

## ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୯/୮: ରାଜ୍ୟ ଏନଏସ୍‌ଏସ୍ ଶାଖା, ଉଚ୍ଚଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ଭବନରେ ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନଏସ୍‌ଏସ୍ ? ସ୍ୱେଚ୍ଛାସେବୀ, ଜିଲ୍ଲା ନୋଡାଲ ଅଧିକାରୀ ଓ ପ୍ରୋଗ୍ରାମ୍ ଅଫିସରମାନେ ସାମିଲ ହୋଇଥିଲେ ।

ଆଜିର କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦର୍ସ୍ୱାଲ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ବେହେରା, ଏନଏସ୍ ?ଏସ୍ ? ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର କୁଶୱାହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ରାଜ୍ୟର ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଅଧ୍ୟୟନରତ ପିଲାମାନଙ୍କର ପୋଷଣ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରିବା ଏବଂ ଏକ ସୁପୋଷିତ ଓଡ଼ିଶା ଗଠନରେ ଏନଏସ୍ ?ଏସ୍ ? ସ୍ୱେଚ୍ଛାସେବୀମାନେ ନିଜର ଯୋଗଦାନ ଦେବେ । ଏହି ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିବା ପାଇଁ ସୁପୋଷିତ ଓଡ଼ିଶା ଅଭିଯାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ ସ୍ୱେଚ୍ଛାସେବୀମାନଙ୍କ ପାଇଁ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଶ୍ରୀମତୀ ଦର୍ସ୍ୱାଲ ମତପ୍ରକାଶ କରିଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦୦୦ ମହିଳା ଏନଏସ୍‌ଏସ୍ ? ସ୍ୱେଚ୍ଛାସେବୀ ରାଜ୍ୟର ୨୩,୦୦୦ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ପୋଷାଣ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ । ସୁପୋଷିତ ଓଡ଼ିଶା ଅଭିଯାନରେ ସାମିଲ ହୋଇଥିବା ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏକ ସୁସ୍ଥ ଓ ସୁପୋଷିତ ଓଡ଼ିଶା ଗଠନରେ ଏନଏସଏସ ସ୍ୱେଚ୍ଛାସେବୀମାନେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବେ ବୋଲି ଶ୍ରୀ ଅଗ୍ରୱାଲ ମତପ୍ରକାଶ କରିଛନ୍ତି ।

## ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମୂହିକ ଶପଥ ପାଠ

ଭୁବନେଶ୍ୱର, ୧୯/୮ : ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ, ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଉପ ନିର୍ଦ୍ଦେଶକ ଶ୍ରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ସାମିଲ୍ ହୋଇ ଶପଥ ପାଠ କରିଥିଲେ ।

ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଶପଥ ପାଠରେ ସାମିଲ ହୋଇ ନିଜେ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ସହ ପରିବାର, ବନ୍ଧୁବର୍ଗ ଏବଂ ସମାଜର ଅନ୍ୟମାନଙ୍କୁ ମଧ୍ୟ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବାକୁ ଶପଥ ନେଇଥିଲେ । ଆଜି ସାରା ରାଜ୍ୟରେ ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ରାଜ୍ୟର ଅତିକମରେ ୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।



## ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ
## ରାଜ୍ୟ ପୋଲିସ ମୁଖ୍ୟାଳୟ ସମେତ ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଶପଥ ପାଠ




କଟକ, ୧୯/୮ :ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାମୁକ୍ତ ସମାଜ ଗଠନ ଏବଂ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ସମେତ ରାଜ୍ୟର ୩୫ଟି ପୋଲିସ ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇ ନିଶାଦ୍ରବ୍ୟର କୁପ୍ରଭାବରୁ ନିଜକୁ, ପରିବାରକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ । ନିଜେ ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ସହ ବନ୍ଧୁବର୍ଗ, ପରିବାର ସଦସ୍ୟ ଓ ସମାଜର ଅନ୍ୟମାନଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଏବଂ ଓଡ଼ିଶାକୁ ନିଶାମୁକ୍ତ କରିବା ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ ।

ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତିର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ଅଭିଯାନ ମାଧ୍ୟମରେ ସାରା ରାଜ୍ୟରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି । ଏଥିସହ ପୋଲିସ ପ୍ରଶାସନ ପକ୍ଷରୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି ।

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଶ୍ରୀ ପ୍ରବୀଣ କୁମାର, ଆଇଜିପି (କେନ୍ଦ୍ରାଞ୍ଚଳ) ଶ୍ରୀ ସତ୍ୟଜିତ ନାୟକ, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଶ୍ରୀ ଯୁଗଳ କିଶୋର ବୋନଥଙ୍କ ସମେତ ପୋଲିସ ମୁଖ୍ୟାଳୟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୂହିକ ଭାବେ ନିଶାମୁକ୍ତି ଶପଥ ଗ୍ରହଣ କରିଥିଲେ ।

## ଯାଜପୁରରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍‌ର ଆଞ୍ଚଳିକ ପରାମର୍ଶ ବୈଠକ ଅନୁଷ୍ଠିତ



ଯାଜପୁର, ୧୯/୮ :ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (OSCPCR) ଏବଂ ୟୁନିସେଫ୍ (UNICEF), ଓଡ଼ିଶାର ଯୌଥ ଆନୁକୂଲ୍ୟରେ 'ଓଡ଼ିଶାରେ ପରିବାରଭିତ୍ତିକ ଯତ୍ନ ଏବଂ ଶିଶୁମାନଙ୍କ ପରିବାରଠାରୁ ବିଚ୍ଛିନ୍ନତା ନିବାରଣ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସ୍ତରୀୟ ପରାମର୍ଶ ବୈଠକ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ସହ ସେମାନଙ୍କୁ ଆଶ୍ରମ କିମ୍ବା ଅନୁଷ୍ଠାନ ଅପେକ୍ଷା ନିଜ ପରିବାର ଓ ସାମାଜିକ ପରିବେଶ ମଧ୍ୟରେ ସୁରକ୍ଷିତ ଭାବେ ବଢ଼ିବାର ସୁଯୋଗ ସୃଷ୍ଟି କରିବା ।

ଏହି ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରୋ , ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA)ର ସଚିବ ଲିପି ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଯୁଧିଷ୍ଠିର ନାଏକ ଏବଂ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଉକ୍ତ ବୈଠକରେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଲେ ଶିଶୁର ସର୍ବାଙ୍ଗୀନ ବିକାଶ ଓ ମାନସିକ ସୁରକ୍ଷା ପାଇଁ ଗୋଟିଏ ପରିବାରର ସ୍ନେହ ଓ ଶ୍ରଦ୍ଧା ଅପରିହାର୍ଯ୍ୟ । କୌଣସି ଅନାଥ ଆଶ୍ରମ କିମ୍ବା ଅନୁଷ୍ଠାନ ଗୋଟିଏ ପରିବାରର ବିକଳ୍ପ ହୋଇପାରିବ ନାହିଁ । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି କୌଣସି ବି ଶିଶୁ ଯେପରି ଗରିବୀ, ଆର୍ଥିକ ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁଁ ନିଜ ପରିବାରଠାରୁ ବିଚ୍ଛିନ୍ନ ନ ହୁଅନ୍ତି । ଫୋଷ୍ଟର କେୟାର (Foster Care) ଏବଂ ପୃଷ୍ଠପୋଷାକତା ସହାୟତା (Sponsorship) ମାଧ୍ୟମରେ ପ୍ରତ୍ୟେକ ବିପନ୍ନ ଶିଶୁଙ୍କୁ ପରିବାର ପରିବେଶ ମଧ୍ୟରେ ବଢ଼ିବାର ସୁଯୋଗ ଯୋଗାଇ ଦିଆଯିବ ।

ଉକ୍ତ ବୈଠକରେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ କହିଲେ

'ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବାକୁ ହେବ । ଗ୍ରାମାଞ୍ଚଳରେ ଥିବା ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ସକ୍ରିୟ କରାଯିବା ସହ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ବାଲ୍ୟବିବାହ ଭଳି କୁପ୍ରଥା ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ।ପରିବାର ହେଉଛି ଶିଶୁ ସୁରକ୍ଷା ଓ ବିକାଶ ର ମୁଖ୍ୟ କେନ୍ଦ୍ରବିନ୍ଦୁ' ଚାବିକାଠି..୪ଟି ଜିଲ୍ଲାର କର୍ମକର୍ତ୍ତାମାନେ ସମନ୍ୱୟ ରଖି କାର୍ଯ୍ୟ କଲେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଢ଼ାଯାଇପାରିବ ।'

ଉକ୍ତ ବୈଠକରେ ଯୋଗଦେଇ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA), ଲିପା ମହାନ୍ତି କହିଲେ ଆଇନଗତ ସୁରକ୍ଷା ଓ ଅଧିକାର ପାଇବାରେ କୌଣସି ବି ଶିଶୁ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA) ସଦାସର୍ବଦା ପ୍ରସ୍ତୁତ ରହିଛି । ଅନେକ ସମୟରେ ପାରିବାରିକ ଆର୍ଥିକ ଅନାଟନ, ସାମାଜିକ ସଂକଟ କିମ୍ବା ଶୋଷଣର ଶିକାର ହୋଇ ଶିଶୁମାନେ ନିଜ ପରିବାରଠାରୁ ଅଲଗା ହୋଇଯାଆନ୍ତି । ଏହିଭଳି ସଂକଟାପନ୍ନ ସ୍ଥିତିରେ ଥିବା ଶିଶୁ ଓ ସେମାନଙ୍କ ପରିବାରକୁ ତୁରନ୍ତ ମାଗଣା ଆଇନଗତ ସହାୟତା, ଆଇନଗତ ପରାମର୍ଶ ଏବଂ ନ୍ୟାୟ ଯୋଗାଇଦେବା ଆମର ପ୍ରାଥମିକ ଦାୟିତ୍ୱ । ଏହାଛଡ଼ା, ବାଲ୍ୟବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଭଳି ଅପରାଧ ରୋକିବା ପାଇଁ ଉଖଝଇ ପକ୍ଷରୁ ସମାଜର ତୃଣମୂଳ ସ୍ତରରେ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି ।'


ଉକ୍ତ ବୈଠକରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ କହିଲେ 'ଯାଜପୁର ଜିଲ୍ଲାରେ ଏହି ଆଞ୍ଚଳିକ ବୈଠକ ଆୟୋଜିତ ହୋଇଥିବାରୁ ଆମେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍ ?କୁ ଧନ୍ୟବାଦ ଜଣାଉଛୁ । ଜିଲ୍ଲା ପ୍ରଶାସନ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ପରିବାର ସଶକ୍ତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ବିଭିନ୍ନ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କଲେ ଯାଇ ଶିଶୁ ସୁରକ୍ଷା ସୁନିଶ୍ଚିତ କରିପାରିବା. ଶିଶୁ ସୁରକ୍ଷା ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଅଧିକ କ୍ରିୟାଶୀଳ କରାଯିବ ।'

ଉକ୍ତ ବୈଠକରେ ଯୋଗଦେଇ ୟୁନିସେଫ୍ (UNICEF) ପ୍ରତିନିଧି ଶ୍ରୀ ଘାସିରାମ ପଣ୍ଡା କହିଲେ 'ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ୟୁନିସେଫ୍ ସବୁବେଳେ ରାଜ୍ୟ ସରକାର ଓ ଆୟୋଗଙ୍କ ସହ ମିଶି କାର୍ଯ୍ୟ କରିଆସୁଛି । ଆମର ପ୍ରାଥମିକତା ହେଉଛି ଶିଶୁମାନଙ୍କୁ ଅନୁଷ୍ଠାନଗତ ଯତ୍ନରୁ ମୁକ୍ତ କରି ପାରିବାରିକ ଯତ୍ନ ମଧ୍ୟରେ ଆଣିବା(De-institutionalization) । ଏହି ଆଞ୍ଚଳିକ ପରାମର୍ଶ ବୈଠକ ମାଧ୍ୟମରେ ୪ଟି ଜିଲ୍ଲାର ଅଧିକାରୀମାନଙ୍କୁ ସଚେତନ କରାଯିବା ସହ ଶିଶୁ ସୁରକ୍ଷା କ୍ଷେତ୍ରରେ ନୂତନ କୌଶଳ ଓ ନୀତି କାର୍ଯ୍ୟକାରୀ କରାଯାଉଛି ।'

ବୈଠକରେ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ—ଏହି ୪ଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (DCPU)ର କର୍ମକର୍ତ୍ତା, ଶିଶୁ ମଙ୍ଗଳ କମିଟି (ସ୍ୱ)ର ସଦସ୍ୟ ଏବଂ ଆଇନ ବିଶେଷଜ୍ଞମାନେ ବ୍ୟାପକ ଆଲୋଚନାରେ ଭାଗ ନେଇଥିଲେ । ଆଲୋଚନା ପ୍ରସଙ୍ଗରେ ବକ୍ତାମାନେ ମତ ରଖିଥିଲେ ଯେ, କୌଣସି ବି ଶିଶୁ ପାଇଁ ସେମାନଙ୍କ ପରିବାର ହିଁ ସବୁଠାରୁ ସୁରକ୍ଷିତ ଓ ଶ୍ରେଷ୍ଠ ସ୍ଥାନ । ଶିଶୁଟିଏ ଯେପରି ଗରିବୀ, ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁଁ ନିଜ ପରିବାରଠାରୁ ବିଚ୍ଛିନ୍ନ ନ ହୁଏ, ସେଥିପାଇଁ ବିଭିନ୍ନ ସରକାରୀ ଯୋଜନା ଓ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା । ଅନାଥ କିମ୍ବା ଅସହାୟ ଶିଶୁଙ୍କ ପାଇଁ ଫୋଷ୍ଟର କେୟାର (ଋକ୍ଟଷ୍ପଙ୍ଗ ଉବକ୍ସର) ଓ ପ୍ରାୟୋଜିତ ସହାୟତା (Sponsorship) ପରି ପରିବାରଭିତ୍ତିକ ଯତ୍ନ ପ୍ରକ୍ରିୟାକୁ ଆଗକୁ ନେବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର , ଯାଜପୁର, ଦିବ୍ୟାଭୂଷଣ ମହାନ୍ତି ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ଯଜପୁର, ଟଭସମରଲ ପରାମର୍ଶଦାତା ଅଙ୍କିତ କୁମାର କେଶରୀ, ହେଲ୍ପ ଓ ହୋମ ର ଜାତୀୟ ପ୍ରମୁଖ ସଚିନ କୁମାର, ଙ୍କଭସମରଲ ର ଶକୁନ୍ତଳା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଯାଜପୁର ର ତପନ କୁମାର ପତ୍ର ଓ ଅର୍ଚ୍ଚନା କୁମାରୀ ସାମନ୍ତ, ସରୋଜ କୁମାର ସାହୁ, କାଳୀ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଖରିଫ୍ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ




ଜଗତସିଂହପୁର, ୧୯/୮ : ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା।ଚାଷୀ ମାନଙ୍କ ନିମନ୍ତେ ସରକାର ବହୁତ୍ ଯୋଜନା କରିଛନ୍ତି। କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀ ମାନେ ଯତ୍ନବାନ ହେବା ଆବଶ୍ୟକ। ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସି ଏମ୍ କିଷାନ ଯୋଜନା,ପି ଏମ୍ କେ ୱାଇ ଯୋଜନା ରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଯେପରି ନିଜ ନିଜର ନାମ ପଞ୍ଜିକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ,ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଚାଷୀ ମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଯୋଜନା ଓ ସବସିଡି ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ଉଉଇଡ) ଶ୍ରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକରେ ପୂର୍ବ ବୈଠକ ର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ୨୦୨୫-୨୬ରବି ଋତୁରେ ୭୩୮୩୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା,ମୁଗ,ବିରି,କୋଳଥ , ମଟର,ବାଦାମ,ରାଶି ଆଦି ଚାଷ କରାଯାଇଥିଲା। ମୋଟ୍ ୬୮୨୯୭ ହେକ୍ଟର ଜମିରେ ଡାଲିଯାତୀୟ ଫସଲ କରାଯାଇଥିଲା। ଏତଦ୍ ବ୍ୟତୀତ ସୂର୍ଯ୍ୟମୁଖୀ,ଆଳୁ , ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ,ଧନିଆ, ଆଖୁଚାଷ ହୋଇଥିଲା। ଚଳିତ ଖରିଫ ଋତୁରେ ସମସ୍ତ ଫସଲ କୁ ମିଶାଇ ମୋଟ ୮୧୮୧୦ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି।ସେଥିମଧ୍ୟରୁ ୮୦୨୫୦ ହେକ୍ଟର ରେ ଧାନ , ମାଣ୍ଡିଆ, ଜଓ୍ୱାର ଆଦି ଖାଦ୍ୟଶସ୍ୟ,୧୭୦ ହେକ୍ଟର ରେ ଡାଲି ଜାତୀୟ ଫସଲ ,୭୦ ହେକ୍ଟର ରେ ଝୋଟ,୧୧୨୦ ହେକ୍ଟର ରେ ମସଲା ଜାତୀୟ ଫସଲ, ୨୦ ହେକ୍ଟର ସବୁଜ ଗୋଖାଦ୍ୟ , ୧୮୦ ହେକ୍ଟର ରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି। ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୭୩୫୬ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି। ୩୩୭୦ କ୍ୱିଣ୍ଟାଲ ଧାନ ବିହନ,୩୧୨ କ୍ୱିଣ୍ଟାଲ ଧଣୀଚା ମଞ୍ଜି, ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୨୭୪୨୭୮.୬୭ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ଖସଡ଼ା ଧାନ ଚାଷ , ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ,ଇ - ପେଷ୍ଟ , ସରଭେଲାନ୍ସ ମାଧ୍ୟମରେ କୀଟ ଦମନ ,ଜୈବସାର, ଭର୍ମିକମ୍ପୋଷ୍ଟ,ମିଲେଟ ମିଶନ,ଟ୍ରାକ୍ଟର ସାହାଯ୍ୟ ରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ବୈଠକରେ ବିହନ ଯୋଗାଣ, ରାସାୟନିକ ସାର,ଫସଲ ସୁରକ୍ଷା, ମୃର୍ତ୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା।ଏହା ବ୍ୟତୀତ ନଡ଼ିଆ,ଆମ୍ବ, କାଜୁ,ଲେମ୍ବୁ,ଅମୃତଭଣ୍ଡା, ପଣସ, କଦଳୀ, ପାନ ଚାଷ ଆଦି ଉଦ୍ୟାନ କୃଷି ,ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପ-ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅଗ୍ରଣୀ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ (ଖଉଗ), ନାବାର୍ଡର ଡିଡିଏମ୍ (ଉଉଗ ଘଇଇଇଜଉ), ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ (ଇଉଐ), ସମସ୍ତ ବ୍ଲକ କୃଷି ଅଧିକାରୀ (ଈଇଡ), ସହକାରୀ କୃଷି ଅଧିକାରୀ (ଇଇଡ) ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କନ୍ଧମାଳ ପୋଲିସ ସ୍କାନରେ 'ପନୁଷ' ବସ୍

## ଦାଦନ ଚାଲାଣ ଓ ବେଆଇନ କାରବାର ନେଇ ଉଦବେଗ




ରାଇକିଆ, ୧୯/୮ :କନ୍ଧମାଳ ଜିଲ୍ଲା ରାଇକିଆ ଅଞ୍ଚଳରୁ ବେଆଇନ ଦାଦନ ଚାଲାଣ ଏବଂ ଅସାମାଜିକ କାର୍ଯ୍ୟକଳାପକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରାଇକିଆରୁ ପ୍ରତ୍ୟେକ ସପ୍ତାହର ଶୁକ୍ରବାର ଦିନ 'ପନୁଷ' (Ponnus) ନାମକ ଏକ ଘରୋଇ ବସ୍ (ନଂ: AR-16A-2139) ଯୋଗେ ବହୁ ସଂଖ୍ୟାରେ ସ୍ଥାନୀୟ ଯୁବକ ଯୁବତୀ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି।

ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ କାମଧନ୍ଦାର ଅଭାବ ଯୋଗୁଁ ନିଜ ପରିବାରର ପ୍ରତିପୋଷଣ ପାଇଁ ଅନେକ ଶିକ୍ଷିତ ଯୁବକ ଯୁବତୀ ବାଧ୍ୟ ହୋଇ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ମୁହାଁଉଛନ୍ତି। ତେବେ ଏହି ସୁଯୋଗର ଫାଇଦା ଉଠାଇ କିଛି ବେଆଇନ ଦଲାଲ ଓ ମାଫିଆ ସରଳ ଯୁବକ ଯୁବତୀଙ୍କୁ ଅସାମାଜିକ କାର୍ଯ୍ୟରେ ନିୟୋଜିତ କରୁଥିବା ନେଇ ଗମ୍ଭୀର ଅଭିଯୋଗ ହେଉଛି। ଏହାସହ ଏହି ବସ୍ ଜରିଆରେ ବେଆଇନ ଗଞ୍ଜେଇ କାରବାର ଓ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି।

ଜିଲ୍ଲାର ଏହି ସଂବେଦନଶୀଳ ସ୍ଥିତି ଓ ଶିକ୍ଷିତ ଯୁବପିଢ଼ିଙ୍କ ଶୋଷଣକୁ ନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହି ବେଆଇନ କାରବାର ଏବଂ ବସ୍‌ର ଗତିବିଧି ଏବେ କନ୍ଧମାଳ ପୋଲିସର ସ୍କାନରକୁ ଆସିଛି। ପୋଲିସ ଏହି ଘଟଣାରେ କେବେ ଏବଂ କିପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଓ ପାର୍କିଙ୍ଗ କଟକଣା

ଜଗତସିଂହପୁର, ୧୯/୮ :ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତା କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଜେ ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତା ଙ୍କ ଯାତାୟତ ଅସୁବିଧା କୁ ଦୃଷ୍ଟି ରେ ରଖି ସକାଳ ୮ ଘଟିକା ରୁ ସକାଳ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ରୁ ସଂଧ୍ୟା ୭ ଘଟିକା ପର୍ଯ୍ୟନ୍ତ ପୌରାଂଚଳ ରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣା ର କାରଣ ପାଲଟିଛି। ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକା ରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକ ରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲା ର ରାଜ୍ୟ ରାଜପଥ-୧୨ ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ ଛକର ବାମ ପାର୍ଶ୍ୱ ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡ ରୁ ମେଡିକାଲ ଏବଂ ପୋଲିସ୍ ଷ୍ଟେସନ୍ ଛକ ରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀ ର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପ ର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା କୁ ଦୃଷ୍ଟି ରେ ରଖି ଏହାକୁ ' ନୋ ପାର୍କିଂ 'ଜୋନ୍ ଘୋଷଣା କରାଯାଇଛି। ସେହିପରି ଅଏଲ ଟର୍ମିନାଲ ଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ତା ୧୦.୦୯.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଅପିଲ ଶୁଣାଣୀ କୋଠରୀରେ ସିସିଟିଭି ଲଗାଯାଉ

କଟକ, ୧୯/୮ :କଟକ ମହାନଗର ନିଗମରେ ଉନ୍ନତିମୂଳକ କାର୍ଯ୍ୟ, ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା,ଦୁର୍ନୀତି ହେଉଥିବା ସହ ସ୍ୱଚ୍ଛତା ନଥିବା ଯୋଗୁଁ ସୂଚନାଅଧିକାର ଆଇନରେ ଧାର୍ଯ୍ୟ ସମୟସୀମାରେ ତଥ୍ୟ ମିଳୁନଥିବା ଅଭିଯୋଗ କରିଛନ୍ତି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ। ବିଭିନ୍ନ ସୂଚନା ନିମନ୍ତେ ଗତ ଜୁନ ମାସରେ ୩ଟି ଆରଟିଆଇ କେଏମସି ଜନସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ।ଏହି ତଥ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ନମିଳିବାରୁ ୩ଟି କେସର ପ୍ରଥମ ଅପିଲ କରିଥିଲେ।ଏହି ଅପିଲ ଶୁଣାଣୀ ପାଇଁ ଅଗଷ୍ଟ ୧୧ତାରିଖରେ କେଏମସି ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ ଶୁଣାଣୀ ହେବାପାଇଁ ଧାର୍ଯ୍ୟ ହୋଇଥିଲା।ଅଗଷ୍ଟ ୧୧ତାରିଖରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ଉପଆୟୁକ୍ତ ଅଶୋକ ଲେଙ୍କାଙ୍କ କୋଠରୀରେ ଶୁଣାଣୀ ସମୟରେ ଜନସୂଚନା ଅଧିକାରୀ ଅନୁପସ୍ଥିତ ଥିବା ସତ୍ତ୍ୱେ ଅପିଲ ଶୁଣାଣୀ ହୋଇଥିଲା। ଖାଦ୍ୟସୁରକ୍ଷା ସମ୍ବନ୍ଧୀୟ ଏକ କେସ୍ ଥିବାରୁ ଖାଦ୍ୟସୁରକ୍ଷା ବିଭାଗ କର୍ମଚାରୀ ତଥ୍ୟଦେବା ପାଇଁ ଅର୍ଥ ଦାଖଲ କରିବା ପାଇଁ କୌଣସି ଚିଠି ନକରି ଶୁଣାଣୀ ସମୟରେ ଚିଠି କରିଥିବା କହିବା ସହ ଏହି କଥାକୁ ନେଇ ସୂଚନାଅଧିକାର କର୍ମୀଙ୍କ ସହ ଅଯଥା ଯୁକ୍ତି କରି ଦୁର୍ବ୍ୟବହାର କରିବା ସମୟରେ ଅପିଲ ଶୁଣାଣୀ କୋର୍ଟ ଅଧାରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ନିଜ ସ୍ଥାନରୁ ଉଠି ପଳାଇଥିଲେ। ଏହାଦ୍ୱାରା ସୂଚନାଅଧିକାର କର୍ମୀଙ୍କ ସମ୍ମାନହାନୀ ହୋଇଛି ବୋଲି ଅଭିଯୋଗ ହୋଇଛି। ଜିତେନ୍ଦ୍ରଙ୍କୁ ଦୁର୍ବ୍ୟବହାର କରିଥିବା ଖାଦ୍ୟସୁରକ୍ଷା ବିଭାଗ କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୂଚନା ଅଧିକାରୀ କର୍ମୀଙ୍କ ସୁରକ୍ଷା ନିମନ୍ତେ ପ୍ରଥମ ଅପିଲ ଶୁଣାଣୀ ସ୍ଥାନରେ ସିସିଟିଭି ଲଗାଯିବା ପାଇଁ ରାଜ୍ୟ ସୂଚନା କମିଶନ,କେଏମସି ମେୟର ଓ କମିଶନରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ସୂଚନାଅଧିକାର କର୍ମୀ ଜିତେନ୍ଦ୍ର। ଏହାଦ୍ୱାରା ଶୁଣାଣୀରେ ଉପସ୍ଥିତ, ଅନୁପସ୍ଥିତ ଅଧିକାରୀ, କର୍ମଚାରୀଙ୍କ ସଠିକ ତଥ୍ୟ ସହ ଶୁଣାଣୀ ସମୟରେ ନିଷ୍କର୍ଶ କଣ ହେଲା ଦରକାର ସମୟରେ ଏହି ସିସିଟିଭି ଫୁଟେଜରୁ ସତ୍ୟତା ଜଣାପଡିବ ବୋଲି ସୂଚନାଅଧିକାର କର୍ମୀ ପ୍ରକାଶ କରିଛନ୍ତି।

# କଲମ ଛାଡ଼ ଆନ୍ଦୋଳନ




କେନ୍ଦ୍ରାପଡ଼ା , ୧୯/୮ : କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ରେ କାର୍ଯ୍ୟରତ ବିଡ଼ିଓ ଙ୍କୁ ଦୁର୍ବ୍ୟବହାର ବିରୋଧରେ ବ୍ଲକ ର ସମସ୍ତ କର୍ମଚାରୀ ଙ୍କର କଲମ ଛାଡ଼ ଆନ୍ଦୋଳନ। ସୂଚନା ମୁତାବକ ଗତ ତା ୧୪-୮-୨୦୨୬ ରିଖ ରେ କୌଣସି କାମରେ ବିଜେପିର ନେତା ଶ୍ରୀ ଉମାକାନ୍ତ ପଟ୍ଟନାୟକ ତାଙ୍କ ନର କିଛି ସମର୍ଥକ ଙ୍କ ସହ ବ୍ଲକ୍ ଅଫିସ୍ ର ବିଡ଼ିଓ ଙ୍କ ଚାମ୍ବର କୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସମୟରେ ପରସ୍ପର ବିତରେ କଥା କଟାକଟି ହେବାରୁ ବିଜେପିର ୫୦ ରୁ ୬୦ କର୍ମକର୍ତ୍ତାଙ୍କ ପ୍ରଶ୍ନ ଉତ୍ତର ଏକାକୀ ଦେବାର ସମ୍ଭବ ହୋଇ ନ ଥିଲା ତେଣୁ ବିଡ଼ିଓ ମହୋଦୟା ଘଟଣା ସ୍ଥଳରେ ଅଚେତ ହୋଇଯାଇଥିଲେ। ବ୍ଲକ୍ ଏ ବିଡ଼ିଓ ଓ କିଛି ବ୍ଲକ୍ କର୍ମଚାରୀ ଙ୍କ ମାଧ୍ୟମରେ ପ୍ରଥମେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ସ୍ୱାସ୍ଥ୍ୟ ରେ ଉନ୍ନତି ପରିଲକ୍ଷିତ ନହେବାରୁ ତାଙ୍କୁ କଟକ ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ କରାଯାଇଥିଲା।ଏହାର ପ୍ରତିବାଦରେ ଆଜି ବ୍ଲକ୍ ର ସମସ୍ତ କର୍ମଚାରୀ ମାନେ ଆଜି କଲମ ଛାଡ଼ ଆନ୍ଦୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ଷୋଳପଦା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଆଇନ ଶିକ୍ଷା




ଆଠମଲ୍ଲିକ ,(ପ୍ରତିଶବ୍ଦ ନ୍ୟୁଜ), ୧୯/୮: : ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପଂଚାୟତ ସ୍ଥିତ ଷୋଳପଦା ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ 'ଶକ୍ତିଶ୍ରୀ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରତିମା ବାଘଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସୁନ୍ଦର ଭାବେ ପରିଚାଳନା ହୋଇ ଥିଲା , ଛାତ୍ରୀ ମାନଙ୍କୁ ସଶକ୍ତ କରିବା ସହ ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ପୋକ୍ସୋ ଆଇନ ଗତ ଅଧିକାର ସମ୍ବନ୍ଧୀୟ ନିୟମାବଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଠାକୁରଗଡ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଶ୍ୟାମଲାଲ ଓରାମ ମୁଖ୍ୟ ଅତିଥି ଏବଂ ଏ.ଏସ.ଆଇ ଯଶୋବନ୍ତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଛାତ୍ରୀ ମାନଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ସରକାରୀ ନିୟମାବଳୀ ଉପରେ ବିଷାଦ ବିବରଣୀ ପୋକ୍ସୋ,ଆଣ୍ଟି-ରାଗିଙ୍ଗ ଶାରୀରିକ ତଥା ମାନସିକ ସ୍ତରରେ କିପରି ସଚେତନ ରହିବେ ସେ ସମ୍ପର୍କ ରେ ସଚେତନ କରାଇଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସରୋଜ ଦାସ, ଇଂରାଜୀ ଅଧ୍ୟାପକ ସରୋଜ ପ୍ରଧାନ, ଅର୍ଥନୀତି ଅଧ୍ୟାପକ ତରୁଣ ପ୍ରଧାନ, ଓଡ଼ିଆ ଅଧ୍ୟାପିକା କଲ୍ୟାଣୀ ରୁପା ମିଶ୍ର, ଇତିହାସ ଅଧ୍ୟାପକ ଟୁକୁନା ପ୍ରଧାନ ଙ୍କ ସମେତ ମନୋରଞ୍ଜନ ବାରିକ, ସନ୍ଦୀପ କୁମାର ବେହେରା, ପ୍ରଜ୍ଞାରଞ୍ଜନ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ ଓ ଚିତ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସଚେତନତା ଓ ସ୍ୱାବଲମ୍ବନର ଭାବନା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ରାଜ୍ୟ ସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକ ରଞ୍ଜନୀ' ଉଦ୍‌ଘାଟିତ




ବ୍ରହ୍ମପୁର ,୧୯/୮ : ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଗଞ୍ଜାମ ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି, ବ୍ରହ୍ମପୁରର ମିଳିତ ସହଯୋଗରେ ବ୍ରହ୍ମପୁର ସଂସ୍କୃତି ଭବନରେ ରାଜ୍ୟ ସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକ ରଞ୍ଜନୀ' ଆୟୋଜିତ ହେଉଛି। ଏହି ଲୋକନାଟକ ମହୋତ୍ସବ ଅଗଷ୍ଟ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଆଜିର ଉଦ୍ ?ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଜଗଦୀଶ ପାଣିଗ୍ରାହୀ, ନାଟ୍ୟଶ୍ରୀ ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ଭବାନୀ ଶଙ୍କର ମିଶ୍ର, ଶ୍ରୀ ନିରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକନାଟକ ମହୋତ୍ସବ 'ଲୋକ ରଞ୍ଜନୀ'କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ।ନିଜର ଅଭିଭାଷଣରେ ଅତିଥିମାନେ ଗଞ୍ଜାମ ଜିଲ୍ଲାର ସମୃଦ୍ଧ ନାଟ୍ୟ ପରମ୍ପରା ଓ ଲୋକ ସଂସ୍କୃତି ଉପରେ ଆଲୋକପାତ କରିଥିଲେ।ଏଥିସହ ଗଞ୍ଜାମ ଜିଲ୍ଲାର ପାରମ୍ପରିକ ନାଟକର ବହୁଳ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

ଆଜି ଉଦ୍‌ଘାଟନୀ ସନ୍ଧ୍ୟାରେ ଗୋକୁଳାନନ୍ଦ ପ୍ରଧାନ ଓ ସାଥୀ କଳାକାର 'ପ୍ରହ୍ଲାଦ ନାଟକ', ପ୍ରଶାନ୍ତ ପ୍ରଧାନ ଓ ସାଥୀ କଳାକାର 'କୃଷ୍ଣଲୀଳା' ଏବଂ ସାଇମନ ବିଡ଼ିକା ଓ ସାଥୀ କଳାକାରମାନେ 'ଦେଶିଆ ନାଟକ' ପରିବେଷଣ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati